# ଭାରତମାତାର ଲୁହ

ସୂର୍ଯ୍ୟ ମିଶ୍ର

ଉପରେ ନକ୍ଷତ୍ରଖଚିତ ଆକାଶ ନୀଳ
ତଳେ ଗର୍ଜମାନ ସମୁଦ୍ର ଅଥଳ
ମଝିରେ ସବୁ ସହି ପଥର ପାଲଟିଥିବା ପୃଥିବୀ
ଏବଂ ସେଇ ପୃଥିବୀ ଛାତିରେ ଦୁଇହାତ ମେଲାଇ
ଛିଡା ହୋଇଛି ଭାରତମାତା
ଦୁଇ ଆଖିକୋଣରେ ତୋ'ର ଟୋପା ଟୋପା ଲୁହ ।

ବେଳେବେଳେ କୃତିତ୍ୱରେ ଝରେ ଲୁହ ଆନନ୍ଦର
ଛାତିରେ ଜକେଇଯାଏ ଅନନ୍ୟ ସୋହାଗ
ହେଲେ ଏହି ଲୁହଟୋପାତକ ଟିକେ ପୃଥକ ଲାଗୁଛି
କାରଣ ସେ ଚିବୁକରେ ଧାର ହୋଇ ଶୁଖି ଯାଇଅଛି
ମୁହଁ ମଧ୍ୟ ବିଷଣ୍ଣ ଦିଶୁଛି
ଯେମିତି କି ଯାବତୀୟ ଉଜ୍ଜ୍ୱଳତା ସତ୍ତ୍ୱେ
ଦୀର୍ଘଶ୍ୱାସ କୋଉଠି ନା କୋଉଠି ଛପିଛି !
ସେଥିପାଇଁ ମୋ ମନରେ ଉଙ୍କିମାରେ
କେତେ ପ୍ରଶ୍ନବାଚୀ !

ପ୍ରଶ୍ନ ଉଠେ ତୁହା ତୁହା...
ସାରାଦିନର ହାଡଭଙ୍ଗା ଖଟଣୀ ପରେ
ଭାତଥାଳି କଡରେ ସ୍ୱପ୍ନ ଖୋଜୁଥିବା ଚାଷୀଭାଇ ପାଇଁ ଏ ଲୁହ ?
ବାସ୍ତବତାର ଖଣ୍ଡାଧାରରେ ବାଟ ସଳଖୁଥିବା
ମଧ୍ୟବିତ୍ତ ପାଇଁ ଏ ଲୁହ ?

ଏ ଲୁହ କ'ଣ ଭଙ୍ଗା ଦଦରା ଭବିଷ୍ୟତ
ସାଉଁଟୁଥିବା ବସ୍ତିର ଲଙ୍ଗଳା ଛୁଆଙ୍କ ପାଇଁ ?
ମହାପୁରୁଷ ଓ ବିପ୍ଳବୀମାନଙ୍କ ସମୁଜ୍ଜ୍ୱଳ ଇତିହାସକୁ
ଅଇଁଠା ବାସନ ପରି ପୃଥକ ରଖିଥିବା
ସମଧର୍ମାମାନଙ୍କ ଆସ୍ଫାଳନରେ
ସେ ଲୁହ ଲାଖି ଯାଇଛି ଟୋପାଏ କ୍ଷତ ହୋଇ !

ଲୁଣ୍ଠିତ ଓ ଲାଞ୍ଛିତ ଆମର ପୂର୍ବଜମାନଙ୍କର
ରୋମାଞ୍ଚକ ତେଜରେ
ଲାଳିତପାଳିତ ଆଦର୍ଶକୁ
ଅବାନ୍ତର, ଅସାର କରି ତଳେ ଗଡାଇ ଦେଇଥିବା
ଆମର କୃତଘ୍ନତା ପାଇଁ ଏ ଲୁହ !
ନା, ରକ୍ତରେ ଅନ୍ତିମ ଉଷ୍ମତା ଦେଇ
ଶୋକଶସ୍ତ୍ରରେ ସଜ୍ଜିତ ମୃତ ସୈନିକର କପାଳରେ
ପରାଜୟର କୁଞ୍ଚିତରେଖା ଦେଖି ଏ ଲୁହ !

ଏ ଲୁହ କ'ଣ
ଜାତି ଧର୍ମର ମପାଚୁପା ରକ୍ତମଖା କଳହର ?
ଧୂଳିବେଶେ ଧାଉଁଥିବା ନିରକ୍ତ କୁନି କଙ୍କାଳର ?
ପୁଷ୍ଟିହୀନତା ଭୋଗୁଥିବା ଗର୍ଭବତୀ ମାଆମାନଙ୍କର ?
ନିସ୍ତେଜ ହୋଇ ଘରଛାତରୁ ଓହଳିଥିବା ଲକ୍ଷ୍ମୀପାଦର ?
କାମନା ରଙ୍ଗର ଇନ୍ଦ୍ରଧନୁ ଖୋଜିବାରେ ନୟାନ୍ତ ତାରୁଣ୍ୟର ?
ଠୋପାଏ ସହୃଦୟତା ପାଇଁ ଅଞ୍ଜୁଳା ପାତିଥିବା ଲେଖକର ?
ନିୟତି ବିରୋଧରେ ପ୍ରତିଦିନ ଯୁଦ୍ଧ କରୁଥିବା ଶ୍ରମିକର ?

ଯାହା ବି ହେଉ,
ସେ ଲୁହବୁନ୍ଦାକ ମତେ ଯତ୍ନରେ ସାଇତି ରଖିବାକୁ ଦେ' ମାଆ,
ଭବିଷ୍ୟତର ଜରାୟୁରେ ବଢୁଛନ୍ତି ଯେଉଁ ଆସନ୍ତା ଅତିଥିମାନେ
ସେମାନେ ସେ ଲୁହକୁ ଦେଖି ଖୋଜିବେ ନିଦାନ,
ଅନ୍ତତଃ ଛୋଟ ଛୋଟ ପାହୁଣ୍ଡରେ ଲଘିଂବାକୁ
ଏସବୁ ଅପଯଶର ଅନ୍ଧାର
ଏବଂ ଅଧିକ ମୁଗ୍ଧ ଉଚ୍ଚାରଣରେ
ଦେଖିବାକୁ ଆଗାମୀର ଅଭିଜ୍ଞାନ
ଲୁହହୀନ ଭାରତମାତାର ମୂର୍ତ୍ତି
ଖୁବ୍ ବେଶୀ ସୁନ୍ଦର, ମହାନ୍ ।

୮୯୫/୮୯୬, ସତ୍ୟନଗର
ଭୁବନେଶ୍ୱର–୭୫୧୦୦୭